# NATIONAL NEWS BULLETIN (ODIA)

## 18 August - 2024

## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ରକ୍ଷାବନ୍ଧନ ପର୍ବ ଉପଲକ୍ଷେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- କୋଲକାତା ମହିଳା ଡାକ୍ତର ଦୁଷ୍କର୍ମ ଏବଂ ହତ୍ୟା ମାମଲାର ନିଜ ଆଡୁ ଶୁଣାଣି କରିବା ଲାଗି ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ।
- ପାଞ୍ଚ ଦିନିଆ ଭାରତ ଗସ୍ତରେ ଆସି ପହଁଞ୍ଚିଲେ ନେପାଳର ବୈଦେଶିକ ମନ୍ତ୍ରୀ ଡକ୍ଟର ଅର୍ଜୁ ରାଣା ଦେଉବା ।

– ଆସନ୍ତାକାଲି ଆସିବେ ମାଲେସିଆ ପ୍ରଧାନମନ୍ତ୍ରୀ

- ମଙ୍କିପକ୍ସ ସଂକ୍ରମଣ ନେଇ ବିଭିନ୍ନ ଦେଶରେ ସ୍ୱାସ୍ଥ୍ୟ ସୁରକ୍ଷା ବୃଦ୍ଧି ।

ଏବଂ

- ଉତ୍ତର ପ୍ରଦେଶ ଦୁର୍ଘଟଣାରେ ୧୦ ମୃତ; ୩୭ ଆହତ ।

## ପ୍ରେଜ୍-ରକ୍ଷାବନ୍ଧନ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରକ୍ଷାବନ୍ଧନ ପର୍ବ ଉପଲକ୍ଷେ  ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ କହିଛନ୍ତି, ରକ୍ଷାବନ୍ଧନ ହେଉଛି ଭାଇ ଭଉଣୀଙ୍କ ମଧ୍ୟରେ ଥିବା ଅନନ୍ୟ ବନ୍ଧନର ଏକ ଉତ୍ସବ, ଯାହା ପ୍ରେମ ଏବଂ ପାରସ୍ପରିକ ବିଶ୍ୱାସର ଭାବନାକୁ ମଜଭୁତ କରିଥାଏ । ରାଷ୍ଟ୍ରପତି କହିଛନ୍ତି,  ଏହି ପର୍ବ ବିଭିନ୍ନ ଧାର୍ମିକ ଓ ସାଂସ୍କୃତିକ ମୂଲ୍ୟବୋଧ ବହନ କରି ଦେଶର ବିବିଧତା ମଧ୍ୟରେ ଏକତାର ପ୍ରତୀକ ଅଟେ । ଏହି ପର୍ବ ମହିଳାଙ୍କ ଅଧିକାରର ସୁରକ୍ଷା ପାଇଁ ଆମର ସଂକଳ୍ପକୁ ଦୃଢ଼ କରିଥାଏ ।

## ଏସ୍‌ସି-ଆର୍.ଜି.କର କେସ୍

ପଶ୍ଚିମବଙ୍ଗ କୋଲକାତାର ଆର୍.ଜି.କର ମେଡିକାଲ କଲେଜ ଏବଂ ହସ୍‌ପିଟାଲରେ ଜଣେ ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଏବଂ ହତ୍ୟା ମାମଲାର ନିଜ ଆଡୁ ଶୁଣାଣି କରିବା ଲାଗି ସୁପ୍ରିମକୋର୍ଟ ନିଷ୍ପତ୍ତି ନେଇଛନ୍ତି । ପ୍ରଧାନ ବିଚାରପତି ଡି.ୱାଇ.ଚନ୍ଦ୍ରଚୂଡ଼, ଜଷ୍ଟିସ ଜେ.ବି.ପାର୍ଦିୱାଲା ଏବଂ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ଆସନ୍ତା ମଙ୍ଗଳବାର ଏହି ମାମଲାର ଶୁଣାଣି କରିବେ ।

ଚଳିତ ମାସ ୯ ତାରିଖରେ ଆର୍.ଜି.କର ହସ୍‌ପିଟାଲର ସେମିନାର କକ୍ଷରେ ସମ୍ପୃକ୍ତ ଡାକ୍ତରୀ ଛାତ୍ରୀଙ୍କ ମୃତଦେହ ମିଳିଥିଲା । ଏହି ଘଟଣାର କୋଲକାତା ପୁଲିସ ଜଣଙ୍କୁ ଗିରଫ କରି ହେପାଜତକୁ ନେଇଥିଲା । ପରେ

ଏହି ମାମଲାରେ କାଲକାଟା ହାଇକୋର୍ଟ ଗତ ୧୩ ତାରିଖରେ ସି.ବି.ଆଇ.କୁ ଘଟଣାର ତଦନ୍ତ ଭାର ଦେଇଥିଲେ। ତେବେ ଗତକାଲି ସୁପ୍ରିମକୋର୍ଟରେ ପ୍ରାକ୍ଟିସ କରୁଥିବା ଦୁଇ ଜଣ ଆଇନଜୀବୀ ଏବଂ ତେଲଙ୍ଗାନାର ଜଣେ ଡାକ୍ତର ପ୍ରଧାନ ବିଚାରପତି ଡି.ଓ୍ୱାଇ.ଚନ୍ଦ୍ରଚୂଡ଼ଙ୍କୁ ଏହି ଘଟଣାରେ ନିଜ ଆଡୁ ଶୁଣାଣି ଲାଗି ଅନୁରୋଧ କରିଥିଲେ। ଆଇନଜୀବୀ ଉଜ୍ୱଳ ଗୌର ଏବଂ ରୋହିତ ପାଣ୍ଡେ ପ୍ରଧାନ ବିଚାରପତିଙ୍କୁ ଲେଖିଥିବା ପତ୍ରରେ ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଜରୁରୀ ବୋଲି ଉଲ୍ଲେଖ କରିଥିଲେ। ସେହିପରି ତେଲଙ୍ଗାନା ଆର୍ମି ମେଡିକାଲ କଲେଜର ଡକ୍ଟର ମୋନିକା ସିଂ ନିଜ ଓକିଲଙ୍କ ଜରିଆରେ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ।

# ନେପାଳ-ଏଫ୍‌ଏମ୍‌-ଭିଜିଟ୍‌

ନେପାଳର ବୈଦେଶିକ ମନ୍ତ୍ରୀ ଡକ୍ଟର ଅର୍ଜୁ ରାଣା ଦେଉବା ୫ ଦିନିଆ ଭାରତ ଗସ୍ତରେ ଆଜି ଅପରାହ୍ନରେ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ଏହି ଗସ୍ତ ସମୟରେ ସେ ଆସନ୍ତାକାଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍‌ ଜୟଶଙ୍କରଙ୍କ ସହ ବୈଠକ କରିବେ। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏକ ବିବୃତିରେ କହିଛି, ଭାରତ ଏବଂ ନେପାଳ ମଧ୍ୟରେ ନିୟମିତ ଭାବେ ଏଭଳି ଉଚ୍ଚସ୍ତରୀୟ ଆଲୋଚନା ହୋଇଥାଏ। ମନ୍ତ୍ରଣାଳୟ କହିଛି, ପଡ଼ୋଶୀ ପ୍ରଥମ ନୀତି ଅନୁଯାୟୀ ନେପାଳ ଭାରତର ଏକ ପ୍ରାଥମିକ ଅଂଶୀଦାର ଅଟେ । ଏହି ଗସ୍ତ ଦ୍ୱାରା ଉଭୟ ପକ୍ଷ ମଧ୍ୟରେ ପାରସ୍ପରିକ

ସହଯୋଗ ଓ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଲାଗି ଆଲୋଚନା କରାଯିବ।

## ମାଲେସିଆ-ପିଏମ୍ ଇଣ୍ଡିଆ

ମାଲେସିଆ ପ୍ରଧାନମନ୍ତ୍ରୀ ଦାତୋ-ସେରୀ ଅନୱର ବିନ୍ ଇବ୍ରାହିମ ଆସନ୍ତାକାଲିଠାରୁ ତିନି ଦିନିଆ ଭାରତ ଗସ୍ତରେ ଆସିବେ। ମାଲେସିଆର ପ୍ରଧାନମନ୍ତ୍ରୀ ଭାବେ ଅନୱର ଇବ୍ରାହିମଙ୍କ ଏହା ହେଉଛି ପ୍ରଥମ ଭାରତ ଗସ୍ତ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ମାଲେସିଆ ପ୍ରଧାନମନ୍ତ୍ରୀ ମଙ୍ଗଳବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ। ଏହି ଗସ୍ତ ସମୟରେ ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କରଙ୍କୁ ମଧ୍ୟ ସାକ୍ଷାତ କରିବେ।

ଭାରତ ଏବଂ ମାଲେସିଆ ମଧ୍ୟରେ ଦୃଢ଼ ଐତିହାସିକ ଏବଂ ସାମାଜିକ-ସାଂସ୍କୃତିକ ସମ୍ପର୍କ ରହିଛି। ମନ୍ତ୍ରଣାଳୟ କହିଛି, ୨୦୧୫ରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗସ୍ତ ସମୟରେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ 'ଉନ୍ନତ ରଣନୈତିକ ଭାଗିଦାରୀ'ର ମାନ୍ୟତା ଦିଆଯାଇଥିଲା। ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମଙ୍କ ଗସ୍ତ ଭବିଷ୍ୟତ ପାଇଁ ଏକ ବହୁକ୍ଷେତ୍ରୀୟ ସହଯୋଗ ଏଜେଣ୍ଡା ପ୍ରସ୍ତୁତ କରି ଭାରତ-ମାଲେସିଆ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଦିଗରେ ପଥ ପ୍ରଶସ୍ତ କରିବ ବୋଲି ଆଶା କରାଯାଉଛି।

# ଜୟଶଙ୍କର-କୁଏତ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଆଜି କୁଏତର କ୍ରାଉନ୍ ପ୍ରିନ୍ସ ଶେଖ୍ ସବା ଅଲ୍-ଖାଲିଦ୍ ଅଲ୍-ସବା ଅଲ୍-ହମାଦ ଅଲ୍-ମୁବାରକ ଅଲ୍-ସାବାଙ୍କୁ ଭେଟିଛନ୍ତି। ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର କହିଛନ୍ତି, ଭାରତ ଏବଂ କୁଏତ ମଧ୍ୟରେ ଶହ ଶହ ବର୍ଷର ପୁରୁଣା ସଦ୍‌ଭାବନା ଓ ବନ୍ଧୁତା ରହିଛି। ସେ କହିଛନ୍ତି, ଦୁଇ ଦେଶ ମଧ୍ୟରେ ସମସାମୟିକ ଭାଗୀଦାରୀ କ୍ରମାଗତ ଭାବରେ ବୃଦ୍ଧି ପାଉଛି। ଏହି ସମ୍ପର୍କକୁ ଉଚ୍ଚସ୍ତରକୁ ନେବା ପାଇଁ କ୍ରାଉନ୍ ପ୍ରିନ୍ସଙ୍କ ମାର୍ଗଦର୍ଶନ ଓ ଅର୍ନ୍ତଦୃଷ୍ଟି ନିମନ୍ତେ ଡକ୍ଟର ଜୟଶଙ୍କର ତାଙ୍କୁ ଧନ୍ୟବାଦ ଦେଇଛନ୍ତି।

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଜୟଶଙ୍କର ଆଜି ସରକାରୀ ଗସ୍ତରେ କୁଏତରେ ପହଞ୍ଚିଛନ୍ତି। ଜୟଶଙ୍କରଙ୍କ କୁଏତ ପ୍ରତିପକ୍ଷ ଅବଦୁଲ୍ଲା ଅଲ୍ଲୀ ଅଲ୍ ୟାହିୟା ତାଙ୍କୁ ସ୍ୱାଗତ କରିଥିଲେ। ଏହି ଗସ୍ତ ସମୟରେ ଉଭୟ ପକ୍ଷ ରାଜନୈତିକ, ବାଣିଜ୍ୟ, ପୁଞ୍ଜିନିବେଶ, ଶକ୍ତି, ନିରାପତ୍ତା, ସାଂସ୍କୃତିକ, ଦୂତାବାସ ଏବଂ ଲୋକମାନଙ୍କ ମଧ୍ୟରେ ସମ୍ପର୍କ ସମେତ ଦ୍ୱିପାକ୍ଷିକ ସମ୍ପର୍କର ବିଭିନ୍ନ ଦିଗର ସମୀକ୍ଷା କରିବେ । ଉଭୟ ପକ୍ଷ ପାରସ୍ପରିକ ସ୍ୱାର୍ଥସମ୍ପନ୍ନ ଆଞ୍ଚଳିକ ଏବଂ ଅନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

# ବାଂଲାଦେଶ-ଏମ୍‌ପକ୍ସ

ବାଂଲାଦେଶ ସରକାର ବିଶ୍ୱବ୍ୟାପୀ ବୃଦ୍ଧି ପାଉଥିବା ସଂକ୍ରମଣକୁ ଦୃଷ୍ଟିରେ ରଖି ମଙ୍କିପକ୍ସ ପ୍ରଭାବିତ ଦେଶରୁ ଆସୁଥିବା ଯାତ୍ରୀଙ୍କ ସ୍କ୍ରିନିଂ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଦେଶର ମୁଖ୍ୟ ହଜରତ ଶାହଜାଲାଲ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଗତକାଲିଠାରୁ ଏଭଳି ଯାତ୍ରୀଙ୍କ ଦେହର ତାପମାତ୍ରା ଯାଞ୍ଚ ଆରମ୍ଭ ହୋଇଛି। ଏଥିସହ କୌଣସି ଯାତ୍ରୀଙ୍କ ଠାରେ ଲକ୍ଷଣ ଦେଖାଦେଲେ ତୁରନ୍ତ ସ୍ୱାସ୍ଥ୍ୟ ବିଭାଗକୁ ଜଣାଇବା ସହ ସତର୍କ ରହିବାକୁ ଏୟାରଲାଇନ୍ସଗୁଡ଼ିକୁ କୁହାଯାଇଛି। ବିମାନବନ୍ଦର କର୍ତ୍ତୃପକ୍ଷଙ୍କ କହିବା ଅନୁସାରେ, ଯିଏ ମଙ୍କିପକ୍ସ ରୋଗୀ ବୋଲି ଜଣାପଡିବ ତାଙ୍କୁ ସିଧାସଳଖ ଢାକାର ଏକ ନିର୍ଦ୍ଦିଷ୍ଟ ଡାକ୍ତରଖାନାକୁ ପଠାଯିବ। ତେବେ ବାଂଲାଦେଶରେ ଏପର୍ଯ୍ୟନ୍ତ ମଙ୍କିପକ୍ସରେ କେହି ଆକ୍ରାନ୍ତ ହୋଇଥିବା ଜଣାପଡ଼ିନାହିଁ।

ଚୀନ୍‌ରେ ମଧ୍ୟ ମଙ୍କିପକ୍ସ ସଂକ୍ରମଣ ନେଇ ଯାଞ୍ଚ କାର୍ଯ୍ୟ ଜୋରଦାର କରାଯାଇଛି। ଚଳିତ ମାସ ୧୫ ତାରିଖରୁ ଆସନ୍ତା ୬ ମାସ ଯାଏଁ ଦେଶକୁ ଆସୁଥିବା ଯାତ୍ରୀମାନଙ୍କୁ ସେମାନଙ୍କ ଲକ୍ଷଣ ସମ୍ପର୍କରେ ଜଣାଇବାକୁ ବାଧ୍ୟତାମୂଳକ କରାଯାଇଛି।

ଆଫ୍ରିକାରେ ମଙ୍କିପକ୍ସ ରୋଗର ପ୍ରକୋପ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ବେଳେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହାକୁ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛି । ମଙ୍କିପକ୍ସ ଏକ ସଂକ୍ରାମକ ରୋଗ ଯାହା ମଙ୍କିପକ୍ସ ଭୂତାଣୁ ଦ୍ୱାରା ହୋଇଥାଏ। ଏହି ଭୂତାଣୁ ସଂସ୍ପର୍ଶରେ ଆସିବା ଦ୍ୱାରା ବ୍ୟାପିଥାଏ ଏବଂ ଜ୍ୱର, ଗଳା ଯନ୍ତ୍ରଣା, ମାଂସପେଶୀ ଯନ୍ତ୍ରଣା, ଚର୍ମରେ ଦାଗ ଏବଂ ପିଠିରେ ଯନ୍ତ୍ରଣା ଭଳି ଲକ୍ଷଣ ଦେଖାଯାଏ ।

ଅନ୍ୟପକ୍ଷରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଭାରତରେ ଏପର୍ଯ୍ୟନ୍ତ ମଙ୍କିପକ୍ସର କୌଣସି ମାମଲା ସାମ୍ନାକୁ ଆସିନାହିଁ । କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି ନଡ୍ଡା ଗତକାଲି ନୂଆଦିଲ୍ଲୀରେ ଏକ ବୈଠକରେ ମଙ୍କିପକ୍ସ ସଂକ୍ରମଣ ନେଇ ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିଥିଲେ।

# ଭୁବନେଶ୍ୱର ଡେଙ୍ଗୁ

କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମଙ୍କ ପତ୍ନୀ ଝିଙ୍ଗିଆ ଓରାମଙ୍କର ଗତକାଲି ଡେଙ୍ଗୁରେ ପରଲୋକ ଘଟିଛି। ଆଜି ଅପରାହ୍ନରେ ସୁନ୍ଦରଗଡ଼ ଜିଲ୍ଲା କେନ୍ଦୁଡିହି ଗ୍ରାମରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ଜୁଏଲ ଓରାମ ମଧ୍ୟ ଡେଙ୍ଗୁରେ ପୀଡ଼ିତ ହୋଇ ସେହି ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଆସନ୍ତାକାଲି ଅଧିକ ଚିକିତ୍ସା ପାଇଁ ଶ୍ରୀ ଓରାମ ଦିଲ୍ଲୀ ଏମ୍ସ ଯିବାର କାର୍ଯ୍ୟକ୍ରମ ରହିଛି। ଝିଙ୍ଗିଆ ଓରାମଙ୍କ

ବିୟୋଗରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି।

# ଜାପୋରିଝିଆ ନ୍ୟୁକ୍ଲିୟର ସେଫ୍ଟି

ଜାପୋରିଝିଆ ଆଣବିକ ଶକ୍ତି କେନ୍ଦ୍ର ନିକଟରେ ଗତକାଲି ହୋଇଥିବା ଡ୍ରୋନ୍ ଆକ୍ରମଣ ପରେ ସେଠାକାର ପରମାଣୁ ସୁରକ୍ଷା ସ୍ଥିତି ବିଗିଡ଼ିବାରେ ଲାଗିଛି। ଏନେଇ ଅନ୍ତର୍ଜାତୀୟ ଆଣବିକ ଶକ୍ତି ଏଜେନ୍ସି (ଆଇ.ଏ.ଇ.ଏ) ଚେତାବନୀ ଦେଇଛି। ଜାପୋରିଝିଆ ଆଣବିକ ଶକ୍ତି କେନ୍ଦ୍ରରେ ଅବସ୍ଥାପିତ ଆଇ.ଏ.ଇ.ଏ ବିଶେଷଜ୍ଞମାନେ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି ଆବଶ୍ୟକ ଥଣ୍ଡା ପାଣି ସିଞ୍ଚନ ବ୍ୟବସ୍ଥା କରିଛନ୍ତି। ସେଠାକାର ଅଧିକାରୀମାନେ କହିଛନ୍ତି,ପ୍ଲାଣ୍ଟ ସ୍ଥଳର ପରିଧି ଚାରିପଟେ ଥିବା ଏକ ରାସ୍ତାରେ ଡ୍ରୋନ୍ ଆକ୍ରମଣ ହୋଇଥିଲା। ଏଜେନ୍ସି କହିଛି, ଏହି ସ୍ଥାନରେ ଥିବା ଏହାର ବିଶେଷଜ୍ଞମାନେ ଗତ ଏକ ସପ୍ତାହ ମଧ୍ୟରେ ଏହି ଅଞ୍ଚଳରେ ତୀବ୍ର ସାମରିକ କାର୍ଯ୍ୟକଳାପ ବିଷୟରେ ସୂଚନା ଦେଇଛନ୍ତି। ପ୍ଲାଣ୍ଟଠାରୁ ବିଭିନ୍ନ ଦୂରତାରେ ବିସ୍ଫୋରଣ, ବାରମ୍ବାର ଭାରୀ ମେସିନ୍ ଗନ୍, ରାଇଫଲ ଓ ଆର୍ଟିଲାରି ଗୁଳି ଚାଳନାର ଶବ୍ଦ ଶୁଣିବାକୁ ମିଳିଥିଲା।

# ଏଫ୍ଏସ୍ଏସ୍ଆଇ-ଫୁଡ୍

ନୂଆଦିଲ୍ଲୀରେ ଖାଦ୍ୟରେ ବୃଦ୍ଧି ପାଉଥିବା ମାଇକ୍ରୋପ୍ଲାଷ୍ଟିକ ପ୍ରଦୂଷଣର ମୁକାବିଲା ପାଇଁ ଭାରତୀୟ ଖାଦ୍ୟ ନିରାପତ୍ତା ଏବଂ ମାନକ ପ୍ରାଧିକରଣ ଏକ ଅଭିନବ ପ୍ରକଳ୍ପ ଆରମ୍ଭ କରିଛି।  ଚଳିତ ବର୍ଷ ମାର୍ଚ୍ଚ ମାସରେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପରେ ବିଭିନ୍ନ ଖାଦ୍ୟ ଉତ୍ପାଦରେ ମାଇକ୍ରୋ ଏବଂ ନାନୋ ପ୍ଲାଷ୍ଟିକ୍ ଚିହ୍ନଟ ପାଇଁ ବିଶ୍ଳେଷଣାତ୍ମକ ପଦ୍ଧତି ବିକଶିତ କରାଯାଇଛି। ଏହି ପ୍ରକଳ୍ପର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ମାଇକ୍ରୋ, ନାନୋ ପ୍ଲାଷ୍ଟିକ୍ ବିଶ୍ଳେଷଣ ପାଇଁ ମାନକ ପ୍ରୋଟୋକଲ୍ ବିକଶିତ କରିବା ଓ ପରୀକ୍ଷାଗାରରେ ଏହାର ତୁଳନାତ୍ମକ ବିପଦ ଉପରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିବା।

ନିକଟରେ ଖାଦ୍ୟ ଓ କୃଷି ସଂଗଠନ ଏକ ରିପୋର୍ଟରେ ଚିନି ଓ ଲୁଣ ଭଳି ସାଧାରଣ ଖାଦ୍ୟରେ ମାଇକ୍ରୋପ୍ଲାଷ୍ଟିକର ଉପସ୍ଥିତି ନେଇ ସୂଚନା ପ୍ରଦାନ କରିଛି। ଦେଶର ଉପଭୋକ୍ତାମାନେ ଯେଭଳି ସୁରକ୍ଷିତ ଓ ସୁସ୍ଥ ଖାଦ୍ୟ ପାଇପାରିବେ ସେ ନେଇ ଭାରତୀୟ ଖାଦ୍ୟ ନିରାପତ୍ତା ଏବଂ ମାନକ ପ୍ରାଧିକରଣ ସୁନିଶ୍ଚିତ କରୁଛି ବୋଲି କୁହାଯାଇଛି।

# ୟୁପି ଆକ୍ସିଡେଣ୍ଟ

ଉତ୍ତର ପ୍ରଦେଶର ବୁଲନ୍ଦସହର ଜିଲ୍ଲାର ସାଲେମପୁର ଥାନା ଅଞ୍ଚଳରେ ଆଜି ଏକ ବସ୍ ଓ ପିକ୍ଅପ୍ ମୁହାଁମୁହିଁ ଧକ୍କା ହେବା ଫଳରେ ୧୦ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩୭ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ୪ ଜଣ ଗୁରୁତରଙ୍କୁ ମେରଟ୍ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି।

ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ଦୁର୍ଘଟଣାରେ ଆହତମାନଙ୍କୁ ତୁରନ୍ତ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୁଲନ୍ଦସହର ଜିଲ୍ଲାପାଳ ଚନ୍ଦ୍ର ପ୍ରକାଶ ସିଂହ କହିଛନ୍ତି, ପିକ୍ ଅପ୍ ଗାଡ଼ି ଗାଜିଆବାଦରୁ ଆସୁଥିଲା ଏବଂ ଘରୋଇ ବସ୍‌ଟି ବୁଲନ୍ଦସହର ଅଭିମୁଖେ ଯାଉଥିଲା। ଗାଜିଆବାଦର ଏକ ପାଉରୁଟି କମ୍ପାନୀରେ କାମ କରୁଥିବା ଏହି ଶ୍ରମିକମାନେ ସେହି ପିକ୍ ଅପ୍ ଗାଡ଼ିରେ ଗାଜିଆବାଦରୁ ଆଲିଗଡ଼ ଜିଲ୍ଲାର ରାୟପୁର ଗାଁକୁ ରକ୍ଷାବନ୍ଧନ ପର୍ବ ପାଳନ କରିବାକୁ ଯାଉଥିଲେ।